# ୨୬ ବିଭାଗରେ ଖୋଲିବ ସ୍ନାତକ, ସ୍ନାତକୋତ୍ତର ପାଠ୍ୟକ୍ରମ

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

ଭୁବନେଶ୍ବର, ୧୦।୮ (ବ୍ୟୁରୋ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବା ନିମନ୍ତେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଅନୁମତି ପାଇଛି। ପୂର୍ବରୁ କେବଳ ଡିପ୍ଲୋମା ଓ ପିଜି ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରୁଥିବା ଏହି ବିଶ୍ୱବିଦ୍ୟାଳୟକୁ ୨୦୧୮-୧୯ ବର୍ଷରୁ ୨୬ଟି ବିଭାଗରେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବା ପାଇଁ ୟୁଜିସି ଅନୁମତି ପ୍ରଦାନ କରିଛି। ସାମ୍ବାଦିକତା, ଗ୍ରାମ୍ୟ ଉନ୍ନୟନ, ଅର୍ଥନୀତି, ଇଂଲିଶ, ରାଜନୀତି ବିଜ୍ଞାନ, ହିନ୍ଦୀ, ଇତିହାସ, ଓଡ଼ିଆ, ସଂସ୍କୃତ, ପବ୍ଲିକ ଆଡମିନିଷ୍ଟ୍ରେସନ, ପବ୍ଲିକ ପଲିସି, ସୋସିଓଲୋଜି, ବାଣିଜ୍ୟ ଏବଂ ସାଇବର ସିକ୍ୟୁରିଟି ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବ। ସେହିଭଳି ସ୍ନାତକ ସ୍ତରରେ ଇଂଲିଶ, ହିନ୍ଦୀ, ରାଜନୀତି ବିଜ୍ଞାନ, ସୋସିଓଲୋଜି, ଅର୍ଥନୀତି, ସଂସ୍କୃତ, ବି.କମ୍, ଜୀବିକା ଓ ଜୀବନର ବିକାଶ ଏବଂ ବ୍ୟାଚେଲର୍ ଇନ୍ ବିଜିନେସ୍ ଆଡମିନିଷ୍ଟ୍ରେସନ ବିଭାଗ ନିମନ୍ତେ ୟୁଜିସିର ଅନୁମତି ମିଳିଛି।

ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏହି ପାଠ୍ୟକ୍ରମଗୁଡ଼ିକୁ ବିଭିନ୍ନ ସ୍ଥାନରେ ଥିବା ନିଜର ଷ୍ଟଡି ସେଣ୍ଟର ମାଧ୍ୟମରେ ପ୍ରଦାନ କରିବ। ରାଜ୍ୟର ବିଭିନ୍ନ ଜିଲାରେ ଥିବା ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଚାଲୁଥିବା ଷ୍ଟଡି ସେଣ୍ଟରରେ ପିଲାମାନେ ଶିକ୍ଷାଗ୍ରହଣ କରିପାରିବେ। ପ୍ରଯୁକ୍ତିବିଦ୍ୟା ତଥା ଟେକ୍ନୋଲୋଜିର ଉପଯୋଗ କରି ଶିକ୍ଷାଦାନ କରାଯିବ। ଛାତ୍ରଛାତ୍ରୀମାନେ ଉଭୟ ଓଡ଼ିଆ ଏବଂ ଇଂଲିଶରେ ପରୀକ୍ଷା ଦେଇପାରିବେ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଶ୍ରୀକାନ୍ତ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ନୂତନ ଭାବେ ପ୍ରତିଷ୍ଠା ହୋଇ ମଧ୍ୟ ଏତେଗୁଡ଼ିଏ ବିଭାଗରେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବା ପାଇଁ ଆମେ ଅନୁମତି ପାଇଛୁ। ଏହା ଆମ ପାଇଁ ଏକ ଐତିହାସିକ ଘଟଣା। ଓଡ଼ିଶାର ଛାତ୍ରଛାତ୍ରୀମାନେ ଏହାଦ୍ୱାରା ବିଶେଷ ଉପକୃତ ହୋଇପାରିବେ। ସୂଚନାଯୋଗ୍ୟ, ୨୦୧୫ ମସିହାରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବେ ୪୨ଟି ବିଭାଗରେ ସାର୍ଟିଫିକେଟ, ଡିପ୍ଲୋମା ଓ ପିଜି ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରୁଛି। ଓଡ଼ିଶାର ପ୍ରତି ଜିଲାର ଅଗ୍ରଣୀ କଲେଜରେ ଏହା ନିଜର ଷ୍ଟଡି ସେଣ୍ଟର ସ୍ଥାପନ କରିଛି। ବିଶ୍ୱବିଦ୍ୟାଳୟର ନିଜସ୍ୱ ଇଣ୍ଟରନେଟ୍ ରେଡିଓ-ପ୍ରଜ୍ଞାବାଣୀ ମଧ୍ୟ ରହିଛି। ୟୁଜିସି ନିୟମ ଅନୁସାରେ ନୂଆ ପାଠ୍ୟକ୍ରମ ନିମନ୍ତେ ନାମଲେଖା ଆସନ୍ତା ଅକ୍ଟୋବର ୧ରେ ସରିବ। ଏଥିନିମନ୍ତେ ଖୁବଶୀଘ୍ର ନାମଲେଖା ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁଳପତି ସୂଚନା ଦେଇଛନ୍ତି।

## ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଖୋଲିବ ପିଜି ଓ ସ୍ନାତକ

# ୨୬ଟି ବିଭାଗ ପାଇଁ ମିଳିଲା ୟୁଜିସି ଅନୁମତି

**ଭୁବନେଶ୍ୱର,୧୦।୮/ଏନ୍ଏନ୍ଏସ୍:** ରାଜ୍ୟର କନିଷ୍ଠତମ ବିଶ୍ୱବିଦ୍ୟାଳୟ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପିଜି ଓ ସ୍ନାତକ ପାଠ୍ୟକ୍ରମ ଖୋଲିବା ନିମନ୍ତେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଅନୁମତି ପାଇଛି। ୨୦୧୮-୧୯ ବର୍ଷରୁ ୨୬ଟି ବିଭାଗରେ ଏହି କୋର୍ସ ଖୋଲିବା ପାଇଁ ଅନୁମତି ମିଳିଛି। ଏହା ଆମ ପାଇଁ ଏକ ଐତିହାସିକ ଘଟଣା। ନୂଆ ବିଶ୍ୱବିଦ୍ୟାଳୟ ହୋଇ ମଧ୍ୟ ଅନେକ ବିଭାଗରେ ପିଜି ଓ ସ୍ନାତକ କୋର୍ସ ଖୋଲିବା ପାଇଁ ଆମେ ଅନୁମତି ପାଇଛୁ। ଫଳରେ ଓଡ଼ିଶାର ଛାତ୍ରଛାତ୍ରୀମାନେ ଏହାଦ୍ୱାରା ବିଶେଷ ଉପକୃତ ହୋଇପାରିବେ ବୋଲି ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଶ୍ରୀକାନ୍ତ ମହାପାତ୍ର କହିଛନ୍ତି। ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏହି କୋର୍ସଗୁଡ଼ିକ ନିଜର ଷ୍ଟଡି ସେଣ୍ଟର ମାଧ୍ୟମରେ ପ୍ରଦାନ କରିବ। ସେଗୁଡ଼ିକ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଚାଲୁଥିବା ଷ୍ଟଡି ସେଣ୍ଟର ବୋଲି କୁଳପତି କହିଛନ୍ତି।

ପିଜିସ୍ତରରେ ସାମ୍ବାଦିକତା, ଗ୍ରାମ୍ୟ ଉନ୍ନୟନ, ଅର୍ଥନୀତି, ଇଂରାଜୀ, ରାଜନୀତି ବିଜ୍ଞାନ, ହିନ୍ଦୀ, ଇତିହାସ, ଓଡ଼ିଆ, ସଂସ୍କୃତ, ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେସନ, ପବ୍ଲିକ୍ ପଲିସି, ସୋସିଓଲୋଜି, ବାଣିଜ୍ୟ ଓ ସାଇବର ସିକ୍ୟୁରିଟି ଆଦି କୋର୍ସ ପାଇଁ ୟୁଜିସି ଅନୁମତି ପ୍ରଦାନ କରିଛି। ସେହିପରି ସ୍ନାତକସ୍ତରରେ ଇଂରାଜୀ, ହିନ୍ଦୀ, ରାଜନୀତି ବିଜ୍ଞାନ, ସୋସିଓଲୋଜି, ଅର୍ଥନୀତି, ସଂସ୍କୃତ, ବି.କମ୍, ଜୀବିକା ଓ ନିରନ୍ତର ବିକାଶ ଏବଂ ବ୍ୟାଚଲର୍ ଇନ୍ ବିଜିନେସ୍ ଆଡ୍‌ମିନିଷ୍ଟ୍ରେସନ ନିମନ୍ତେ ଅନୁମତି ମିଳିଛି।

ବୈଷୟିକ ବିଦ୍ୟା ଉପଯୋଗ କରି ଶିକ୍ଷାଦାନ ଚାଲିବ। ଛାତ୍ରଛାତ୍ରୀମାନେ ନିଜର ପରୀକ୍ଷା ଉଭୟ ଓଡ଼ିଆ ଏବଂ ଇଂରାଜୀରେ ଦେଇପାରିବେ ବୋଲି କୁଳପତି ପ୍ରଫେସର ମହାପାତ୍ର ସୂଚନା ଦେଇଛନ୍ତି। ୨୦୧୫ ମସିହାରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବେ ୪୨ଟି ବିଭିନ୍ନ କୋର୍ସରେ ସାର୍ଟିଫିକେଟ୍, ଡିପ୍ଲୋମା ଓ ପିଜି ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରୁଛି। ଓଡ଼ିଶାର ପ୍ରତିଟି ଜିଲ୍ଲାର ଅଗ୍ରଣୀ କଲେଜରେ ଏହା ନିଜର ଷ୍ଟଡି ସେଣ୍ଟର ସ୍ଥାପନ କରିଛି।

ବିଶ୍ୱବିଦ୍ୟାଳୟର ନିଜସ୍ୱ ଇଣ୍ଟରନେଟ୍ ରେଡ଼ିଓ-ପ୍ରଜ୍ଞାବାଣୀ ରହିଛି। ୟୁଜିସିର ନିୟମ ଅନୁସାରେ ନୂଆ ପାଠ୍ୟକ୍ରମ ନିମନ୍ତେ ନାମଲେଖା ଅକ୍ଟୋବର ୧ରେ ସରିବ। ଏଥି ନିମନ୍ତେ ଖୁବ୍ ଶୀଘ୍ର ନାମଲେଖା ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁଳପତି ସୂଚନା ଦେଇଛନ୍ତି।

# OSOP gets UGC tag for UG, PG courses

PNS ■ BHUBANESWAR

The Odisha State Open University (OSOU), one among the youngest open universities in India, has received the University Grants Commission (UGC) recognition to offer Postgraduate (PG) and Undergraduate (UG) programmes from academic session 2018-19.

The UGC's Distance Education Bureau has granted permission to the OSOU to offer 26 courses through the open and distance learning mode from the 2018-2019 to 2022-2023 academic year.

University Vice-Chancellor Prof Srikant Mohapatra said, "This is a historic moment for OSOU and students of Odisha. Students from any part of Odisha can now complete bachelors or master degree through distance learning programmes."

The university would run the approved programmers through its study centres located at the university campuses and autonomous colleges across Odisha.

Assuring about the quality of teaching, Prof Mohapatra said students would be allowed to write in either English or Odia in the examinations and the teaching method to be followed would be bilingual.

# Odisha State Open University gets UGC recognition for UG, PG programmes

**PBD BUREAU**

SAMBALPUR, AUG 10

THE Odisha State Open University (OSOU) has received University Grants Commission (UGC) recognition to offer Under Graduate (UG) and Post Graduate (PG) programmes from academic session 2018-19. The Distance Education Bureau of UGC has granted permission to OSOU to offer 26 courses through the Open and Distance Learning Mode from the 2018-2019 to 2022-2023 academic year.

"This is a historic moment for OSOU and students of Odisha. We received approval for almost all the courses we applied. Students from any part of Odisha can now complete Bachelors or Master Degree at their convenience through our technology enabled distance learning programmes," said Professor Srikant Mohapatra, Vice-Chancellor of the University.



The University will run the approved programmers through its study centres located at the University campuses and Autonomous Colleges across Odisha.

Students will be allowed to write in either English or Odia language in the Examinations and the teaching method to be followed will be bilingual.

Under graduate Programmes approved to be offered by OSOU are Bachelor of Arts (BA) Programme in English, Hindi, History, Journalism, Political Science, Sociology, Economics, Sanskrit; Bachelor of Commerce (Hons), BBA, BSc in Livelihoods And Sustainable Development. Similarly, the University has been granted permission to run Master's degree programmes in Economic, English, Hindi, History, Journalism, Sanskrit, Odia, Political Science, Public Administration, Public Policy, Rural Development, Sociology, Commerce (M.Com) and Cyber Security (MSc).

As per the UGC guideline all the admission process for UG and PG shall be completed before 1st October 2018. Accordingly, 'OSOU will publish the advertisement notification soon', informed Mohapatra.

OSOU, headquartered in Sambalpur, is established by an Act of the Odisha State Legislature in 2015. The University has jurisdiction over the entire State of Odisha. Presently the University offers certificate, diploma and post graduate diploma programmes in 42 courses.

# ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଖୋଲିବ ପିଜି ଓ ସ୍ନାତକ

ଭୁବନେଶ୍ୱର,୧୦।୮(ବ୍ୟୁରୋ): ରାଜ୍ୟର କନିଷ୍ଠତମ ବିଶ୍ୱବିଦ୍ୟାଳୟ ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ରେ ପିଜି ଓ ସ୍ନାତକ ପାଠ୍ୟକ୍ରମ ଖୋଲିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଅନୁମତି ଦେଇଛି। ୨୦୧୮-୧୯ ଶିକ୍ଷା ବର୍ଷରୁ ୨୬ଟି ବିଭାଗରେ ଏହି କୋର୍ସ ଖୋଲିବା ପାଇଁ ଅନୁମତି ମିଳିଛି।

ପିଜି ପାଠ୍ୟକ୍ରମସ୍ତରରେ ସାମ୍ବାଦିକତା, ଗ୍ରାମ୍ୟ ଉନ୍ନୟନ, ଅର୍ଥନୀତି, ଇଂରାଜୀ, ରାଜନୀତି ବିଜ୍ଞାନ, ହିନ୍ଦୀ, ଇତିହାସ, ଓଡ଼ିଆ, ସଂସ୍କୃତ, ପବ୍ଲିକ ଆଡ଼ମିନିଷ୍ଟ୍ରେସନ୍, ପବ୍ଲିକ ପଲିସି, ସୋସିଓଲୋଜି, ବାଣିଜ୍ୟ ଓ ସାଇବର ସିକ୍ୟୁରିଟି ଆଦି କୋର୍ସ ପାଇଁ ୟୁଜିସି ଅନୁମତି ଦେଇଛି। ସେହିପରି ସ୍ନାତକସ୍ତରରେ ଇଂରାଜୀ, ହିନ୍ଦୀ, ରାଜନୀତି ବିଜ୍ଞାନ, ସୋସିଓଲୋଜି, ଅର୍ଥନୀତି, ସଂସ୍କୃତ, ବାଣିଜ୍ୟରେ ସ୍ନାତକ, ଜୀବିକା ଓ ନିରନ୍ତର ବିକାଶ ଓ ବ୍ୟାଚଲର୍ ଇନ୍ ବିଜିନେସ୍ ଆଡ଼ମିନିଷ୍ଟ୍ରେସନ୍ ପାଠ୍ୟକ୍ରମ ଖୋଲିବାକୁ ଅନୁମତି ମିଳିଛି।

## ୨୬ଟି ବିଭାଗ ପାଇଁ ମିଳିଲା ୟୁଜିସି ଅନୁମତି

## ସାମ୍ବାଦିକତାରେ ପିଜି ଓ ସ୍ନାତକ ପାଠ୍ୟକ୍ରମ

ପିଜି ଓ ସ୍ନାତକ ପାଠ୍ୟକ୍ରମ ପାଇଁ ୟୁଜିସି ଅନୁମତି ମିଳିବା ପରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଶ୍ରୀକାନ୍ତ ମହାପାତ୍ର ଖୁସି ପ୍ରକାଶ କରିଛନ୍ତି। 'ଏହା ଆମ ପାଇଁ ଐତିହାସିକ ଘଟଣା। ନୂଆ ବିଶ୍ୱବିଦ୍ୟାଳୟ ହୋଇ ମଧ୍ୟ ଅନେକ ବିଭାଗରେ ପିଜି ଓ ସ୍ନାତକ କୋର୍ସ ଖୋଲିବା ପାଇଁ ଆମେ ଅନୁମତି ପାଇଛୁ। ଫଳରେ ଓଡ଼ିଶାର ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ' ବୋଲି ପ୍ରଫେସର ମହାପାତ୍ର କହିଛନ୍ତି। ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏହି କୋର୍ସଗୁଡ଼ିକ ନିଜର ଷ୍ଟଡି ସେଣ୍ଟର ମାଧ୍ୟମରେ ପ୍ରଦାନ କରିବ। ସେଗୁଡ଼ିକ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ସ୍ୱୟଂଶାସିତ କଲେଜ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଚାଲୁଥିବା ଷ୍ଟଡି ସେଣ୍ଟର ବୋଲି ପ୍ରଫେସର ମହାପାତ୍ର କହିଛନ୍ତି।

ବୈଷୟିକ ବିଦ୍ୟା ଉପଯୋଗ କରି ଶିକ୍ଷାଦାନ ଚାଲିବ। ଛାତ୍ରଛାତ୍ରୀମାନେ ନିଜର ପରୀକ୍ଷା ଉଭୟ ଓଡ଼ିଆ ଏବଂ ଇଂରାଜୀରେ ଦେଇପାରିବେ ବୋଲି ପ୍ରଫେସର ମହାପାତ୍ର ସୂଚନା ଦେଇଛନ୍ତି। ୨୦୧୫ ମସିହାରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବେ ୪୨ଟି ବିଭିନ୍ନ କୋର୍ସରେ ସାର୍ଟିଫିକେଟ୍, ଡିପ୍ଲୋମା ଓ ପିଜି ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରୁଛି। ପ୍ରାୟ ୧୦ହଜାରରୁ ଅଧିକ ପିଲା ବିଶ୍ୱବିଦ୍ୟାଳୟ ଅଧୀନରେ ପାଠ ପଢୁଛନ୍ତି। ଓଡ଼ିଶାର ପ୍ରତିଟି ଜିଲ୍ଲାର ଅଗ୍ରଣୀ କଲେଜରେ ଏହା ନିଜର ଷ୍ଟଡି ସେଣ୍ଟର ସ୍ଥାପନ କରିଛି। ବିଶ୍ୱବିଦ୍ୟାଳୟର ନିଜସ୍ୱ ଇଣ୍ଟରନେଟ୍ ରେଡିଓ- 'ପ୍ରଜ୍ଞାବାଣୀ' ରହିଛି। ୟୁଜିସିର ନିୟମ ଅନୁସାରେ ନୂଆ ପାଠ୍ୟକ୍ରମ ନିମନ୍ତେ ନାମଲେଖା ଅକ୍ଟୋବର ୧ରେ ସରିବ। ଏଥିନିମନ୍ତେ ଖୁବ୍‌ଶୀଘ୍ର ନାମଲେଖା ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁଳପତି ସୂଚନା ଦେଇଛନ୍ତି।

# ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଖୋଲିବ ସ୍ନାତକୋତ୍ତର ଓ ସ୍ନାତକ

# ୨୬ଟି ବିଭାଗ ପାଇଁ ମିଳିଲା ୟୁଜିସି ଅନୁମତି

ଭୁବନେଶ୍ୱର,୧୦।୮(ଇମିସ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଖୋଲିବ ସ୍ନାତକୋତ୍ତର ଓ ସ୍ନାତକ ପାଠ୍ୟକ୍ରମ। ୨୦୧୮-୧୯ ଶିକ୍ଷାବର୍ଷରୁ ବିଶ୍ୱବିଦ୍ୟାଳୟରେ ୨୬ଟି ବିଭାଗରେ ଏହି ପାଠ୍ୟକ୍ରମଗୁଡ଼ିକ ଖୋଲିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଅନୁମତି ମିଳିଥିବା ସୂଚନା ମିଳିଛି।

ସ୍ନାତକୋତ୍ତରରେ ଗ୍ରାମ୍ୟ ଉନ୍ନୟନ, ଅର୍ଥନୀତି, ଇଂରାଜୀ, ରାଜନୀତି ବିଜ୍ଞାନ, ହିନ୍ଦୀ, ଇତିହାସ, ଓଡ଼ିଆ, ସଂସ୍କୃତ, ପବ୍ଲିକ ଆଡମିନିଷ୍ଟ୍ରେସନ, ପବ୍ଲିକ ପଲିସି, ସାମାଜିକ ବିଜ୍ଞାନ, ସାମ୍ବାଦିକତା, ବାଣିଜ୍ୟ ଓ ସାଇବର୍ ସିକ୍ୟୁରିଟି ଆଦି ପାଠ୍ୟକ୍ରମ ପାଇଁ ୟୁଜିସି ଅନୁମତି ଦେଇଛି। ସେହିପରି ସ୍ନାତକସ୍ତରରେ ଇଂରାଜୀ, ହିନ୍ଦୀ, ରାଜନୀତି ବିଜ୍ଞାନ, ସାମାଜିକ ବିଜ୍ଞାନ, ଅର୍ଥନୀତି, ସଂସ୍କୃତ, ବାଣିଜ୍ୟ, ଜୀବିକା ଓ ନିରନ୍ତର ବିକାଶ ଏବଂ ବ୍ୟାଚଲର୍ ଇନ୍ ବିଜିନେସ୍ ଆଡମିନିଷ୍ଟ୍ରେସନ ନିମନ୍ତେ ଅନୁମତି ମିଳିଛି।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର କହିଛନ୍ତି ଯେ ଏହା ଏକ ଐତିହାସିକ ଘଟଣା। ନୂଆ ବିଶ୍ୱବିଦ୍ୟାଳୟ ହୋଇ ମଧ୍ୟ ଅନେକ ବିଭାଗରେ ପିଜି ଓ ସ୍ନାତକ ପାଠ୍ୟକ୍ରମ ଖୋଲିବା ପାଇଁ ଅନୁମତି ମିଳିଛି। ଏହାଦ୍ୱାରା ଓଡ଼ିଶାର ଛାତ୍ରଛାତ୍ରୀ ବିଶେଷ ଉପକୃତ ହୋଇପାରିବେ। ମୁକ୍ତ ବୈଷୟିକ ବିଦ୍ୟା ଉପଯୋଗ କରି ଶିକ୍ଷାଦାନ ଚାଲିବ। ଛାତ୍ରଛାତ୍ରୀ ଉଭୟ ଓଡ଼ିଆ ଏବଂ ଇଂରାଜୀରେ ପରୀକ୍ଷା ଦେଇପାରିବେ। ପାଠ୍ୟକ୍ରମଗୁଡ଼ିକ ବିଶ୍ୱବିଦ୍ୟାଳୟ ଷ୍ଟଡି ସେଣ୍ଟର୍‌ରେ ପ୍ରଦାନ କରାଯିବ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଚାଲୁଥିବା ଷ୍ଟଡି ସେଣ୍ଟର୍‌ରେ ଶିକ୍ଷାଦାନ ହେବ। ୟୁଜିସିର ନିୟମ ଅନୁସାରେ ନୂଆ ପାଠ୍ୟକ୍ରମ ନିମନ୍ତେ ନାମଲେଖା ଅକ୍ଟୋବର ୧ରେ ସରିବ। ଏଥିପାଇଁ ଖୁବ୍‌ଶୀଘ୍ର ନାମଲେଖା ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁଳପତି କହିଛନ୍ତି।

୨୦୧୫ରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବେ ୪୨ଟି ବିଭିନ୍ନ ପାଠ୍ୟକ୍ରମରେ ସାର୍ଟିଫିକେଟ୍, ଡିପ୍ଲୋମା ଓ ପିଜି ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରୁଛି। ଓଡ଼ିଶାର ପ୍ରତିଟି ଜିଲ୍ଲାର ଅଗ୍ରଣୀ କଲେଜରେ ଷ୍ଟଡି ସେଣ୍ଟର୍ କରାଯାଇଛି। ବିଶ୍ୱବିଦ୍ୟାଳୟର ନିଜସ୍ୱ ଇଣ୍ଟରନେଟ୍ ରେଡିଓ-ପ୍ରଜ୍ଞାବାଣୀ ରହିଛି।

each
d dis-
t least
Single
al 884
d, 621
been

e been
sposal
GMs,
been
e with
Us for
tream
es.
devel-
try in
sed, in
haran,
cer of
India
eneral
Cs and

ed all
Man-
Coir
which
MEGP.
quest-
rs and
facili-
st one
poten-



# OSOU allowed to run PG, UG programmes from 2018-2019

Odisha State Open University, Sambalpur, Odisha
Established by an Act of Government of Odisha

SAMBALPUR, 10 AUGUST

The • Odisha State Open University (OSOU), one among the youngest open universities in India has received University Grants Commission (UGC) recognition to offer Post Graduate (PG) and Under Graduate (UG) programmes from the academic session 2018-19.

The distance education bureau of UGC has granted permission to OSOU to offer 26 Courses through open and distance learning mode from the 2018-2019 to 2022-2023.

"This is a historic moment for OSOU and students of Odisha. We received approval for almost all the courses we applied. Students from any part of Odisha can now complete Bachelors or Master Degree at their convenience through our technology enabled distance learning programmes," said Prof (Dr.) Srikant Mohapatra, vice chancellor of the University.

"One can be assured of the quality of teaching," added Prof. Mohapatra.

Students will be allowed to write in either English or Odia language in the examinations and the teaching method to be followed will be bilingual. OSOU with headquarters at Sambalpur is established by an Act of the Odisha State Legislature in 2015. Presently the University offers certificate, diploma and post graduate diploma programmes in 42 areas.

There are about 10000 students from different parts of Odisha presently studying in the University and with recognition of the new programmes, the number is expected to rise significantly, an OSOU official informed.

As per the UGC guideline all the admission process for UG and PG shall be completed before • 1 October 2018.

"Accordingly, OSOU will publish the advertisement notification soon," informed Dr. Mohapatra. SNS

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

# ୨୬ ବିଷୟରେ ଖୋଲିବ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ

ସମ୍ବଲପୁର, ୧୦।୮ (ନି.ପ୍ର): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ୨୬ଟି ବିଷୟରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏଥି ପାଇଁ ଆବଶ୍ୟକ ଅନୁମତି ପ୍ରଦାନ କରିଛି । ଏହି ବିଶ୍ୱବିଦ୍ୟାଳୟରେ ଶିକ୍ଷାବର୍ଷ ୨୦୧୮-୧୯ରୁ ଏହି ପାଠ୍ୟକ୍ରମ ଆରମ୍ଭ ହେବ । ଏ ସମ୍ପର୍କରେ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର କହିଛନ୍ତି ଯେ, ନୂଆ ବିଶ୍ୱବିଦ୍ୟାଳୟ ହୋଇ ମଧ୍ୟ ୨୬ଟି ବିଷୟରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବାକୁ ଅନୁମତି ମିଳିବା ଏକ ଐତିହାସିକ ଘଟଣା । ଓଡ଼ିଶାର ଛାତ୍ରଛାତ୍ରୀ ଏହା ଦ୍ୱାରା ବିଶେଷ ଭାବରେ ଉପକୃତ ହୋଇପାରିବେ । ଏହି ପାଠ୍ୟକ୍ରମଗୁଡ଼ିକ ରାଜ୍ୟର ବିଭିନ୍ନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କେନ୍ଦ୍ର ଜରିଆରେ ପ୍ରଦାନ କରିବ ବୋଲି କୁଳପତି ସୂଚନା ଦେଇଛନ୍ତି । ସାମ୍ପ୍ରଦିକତା, ଗ୍ରାମ୍ୟ ଉନ୍ନୟନ, ଅର୍ଥନୀତି, ଇଂରାଜୀ, ରାଜନୀତି ବିଜ୍ଞାନ, ହିନ୍ଦୀ, ଇତିହାସ, ଓଡ଼ିଆ, ସଂସ୍କୃତ, ପବ୍ଲିକ ଆଡ୍‌ମିନିଷ୍ଟ୍ରେସନ, ପବ୍ଲିକ ପଲିସି, ସୋସିଓଲୋଜି, ବାଣିଜ୍ୟ ଓ ସାଇବର ସିକ୍ୟୁରିଟିରେ ସ୍ନାତକୋତ୍ତର ଏବଂ ଇଂରାଜୀ, ହିନ୍ଦୀ, ରାଜନୀତି ବିଜ୍ଞାନ, ସୋସିଓଲୋଜି, ଅର୍ଥନୀତି, ସଂସ୍କୃତ, ବାଣିଜ୍ୟ, ଜୀବିକା ଓ ନିରନ୍ତର ବିକାଶ ଏବଂ ବିଜିନେସ ଆଡମିନିଷ୍ଟ୍ରେସନରେ ସ୍ନାତକ ପାଠ୍ୟକ୍ରମ ନିମନ୍ତେ ଅନୁମତି ମିଳିଛି । ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା ଉପଯୋଗ କରି ଏହି ସବୁ ପାଠ୍ୟକ୍ରମରେ ଉନ୍ନତମାନର ଶିକ୍ଷାଦାନ କରାଯିବ । ଛାତ୍ରଛାତ୍ରୀ ଉଭୟ ଓଡ଼ିଆ ଏବଂ ଇଂରାଜୀ ମାଧ୍ୟମରେ ପରୀକ୍ଷା ଦେଇପାରିବେ ବୋଲି କୁଳପତି ପ୍ରଫେସର ମହାପାତ୍ର ସୂଚନା ଦେଇଛନ୍ତି ।

### ୟୁଜିସି ଦେଲା ଅନୁମତି

### ଅକ୍ଟୋବର ଆଗରୁ ନାମଲେଖା

ସୂଚନାଯୋଗ୍ୟ ଯେ ୨୦୧୫ ମସିହାରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବେ ୪୨ଟି ବିଭିନ୍ନ ପାଠ୍ୟକ୍ରମରେ ସାର୍ଟିଫିକେଟ୍, ଡିପ୍ଲୋମା ଓ ପିଜି ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରୁଛି । ଓଡ଼ିଶାର ପ୍ରତିଟି ଜିଲାର ଅଗ୍ରଣୀ କଲେଜରେ ଏହା ନିଜର ଷ୍ଟଡି ସେଣ୍ଟର ବା ଶିକ୍ଷା ଦାନ କେନ୍ଦ୍ର ସ୍ଥାପନ କରିଛି । ବିଶ୍ୱବିଦ୍ୟାଳୟର ନିଜସ୍ୱ ଇଣ୍ଟରନେଟ ରେଡିଓ-ପ୍ରଜ୍ଞାବାଣୀ ରହିଛି । ୟୁଜିସି ନିୟମ ଅନୁସାରେ ନୂଆ ପାଠ୍ୟକ୍ରମରେ ଅକ୍ଟୋବର ୧ ସୁଦ୍ଧା ନାମଲେଖା ସରିବ । ଏଥି ନିମନ୍ତେ ନାମଲେଖା ବିଜ୍ଞପ୍ତି ଶୀଘ୍ର ପ୍ରକାଶ ପାଇବ ବୋଲି କୁଳପତି ସୂଚନା ଦେଇଛନ୍ତି ।

TOI

# State open varsity to offer UG, PG courses

TIMES NEWS NETWORK

**Sambalpur:** The Odisha State Open University (OSOU) will offer undergraduate and post graduate programmes from the 2018-19 academic session.

The Distance Education Bureau of University Grant Commission (UGC) has granted permission to the OSOU to offer 26 courses through the Open and Distance Learning Mode from the 2018-2019 to 2022-2023 academic year, said a press release.

The undergraduate programmes, which have been approved to be offered by OSOU includes Bachelor of Arts (BA) Programme in English, Hindi, history, journalism, political science, sociology, economics, Sanskrit; Bachelor of Commerce (Hons), BBA, BSc in livelihoods and sustainable development. Similarly, the university has been granted permission to run Master degree programmes in economics, English, Hindi, history, journalism, Sanskrit, Odia, political science, public administration, public policy, rural development, sociology, Commerce (M.Com) and cyber security (MSc). OSOU, headquartered in Sambalpur, was established by an Act of the Odisha State Legislature in 2015. The university has jurisdiction over the entire state.

"This is a historic moment for OSOU. We received approval for almost all the courses we had applied. Students from any part of Odisha can now complete Bachelors or Master Degree through our technology-enabled distance learning programmes," said vice-chancellor Srikant Mohapatra.